# NATIONAL NEWS BULLETIN (ODIA)

**9 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଜାମ୍ମୁ-କାଶ୍ମୀରର କଠୁଆ ଜିଲ୍ଲା ମାଚେଦି ଅଞ୍ଚଳରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନିନ୍ଦାକଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

\- ଆତଙ୍କବାଦୀଙ୍କୁ ଠାବ କରିବା ଲାଗି ସୁରକ୍ଷାବାହିନୀ ଦ୍ୱାରା ମିଳିତ ତଲାସୀ ଅଭିଯାନ ଜାରି ।

- ଶିକ୍ଷା ଏବଂ ଜ୍ଞାନକୁ ମାନବତାର ଉପକାର ପାଇଁ ବ୍ୟବହାର କରିବା ଲାଗି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ୨୨ତମ ଭାରତ-ରୁଷ୍ ବାର୍ଷିକ ଶିଖର ସମ୍ମିଳନୀରେ ସହଅଧ୍ୟକ୍ଷତା କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ଏବଂ

- ଭାରତ ଯେଉଁ ଲକ୍ଷ୍ୟ ନିର୍ଦ୍ଧାରଣ କରୁଛି, ତାହା ହାସଲ କରୁଛି । ମସ୍କୋଠାରେ ଭାରତୀୟ ସମୁଦାୟକୁ ସମ୍ବୋଧିତ କରି କହିଲେ ପ୍ରଧାନମନ୍ତ୍ରୀ ।

# ପ୍ରେଜ୍-ଟେରରିଷ୍ଟ ଆଟାକ

କଠୁଆ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତୀବ୍ର ନିନ୍ଦା କରିଛନ୍ତି । ରାଷ୍ଟ୍ରପତି କହିଛନ୍ତି ଜାମ୍ମୁକାଶ୍ମୀରର କଠୁଆ ଜିଲ୍ଲାରେ ସେନାବାହିନୀର ଗାଡ଼ି ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ଏକ କାପୁରୁଷୋଚିତ କାର୍ଯ୍ୟ, ଯାହା ନିନ୍ଦନୀୟ ଏବଂ ଦୃଢ଼ ପ୍ରତିପଦକ୍ଷେପ ଯୋଗ୍ୟ । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ରାଷ୍ଟ୍ରପତି କହିଛନ୍ତି ସମସ୍ତପ୍ରକାର ଆତଙ୍କବାଦ ବିରୁଦ୍ଧରେ ଚାଲିଥିବା ଯୁଦ୍ଧରେ ପ୍ରାଣବଳୀ ଦେଇଥିବା ସାହସୀ ଜବାନଙ୍କ ପରିବାର ପ୍ରତି ତାଙ୍କର ସହାନୁଭୂତି ଅଛି । ଆତଙ୍କବାଦୀ ଆକ୍ରମଣ ଘଟଣାରେ ଆହତ ଯବାନମାନଙ୍କର ରାଷ୍ଟ୍ରପତି ଆଶୁ ଆରୋଗ୍ୟ କାମନା କରିଛନ୍ତି ।

# ଜେକେ-ସିକ୍ୟୁରିଟି

ଜାମ୍ମୁ-କାଶ୍ମୀରରେ କଠୁଆ ଜିଲ୍ଲାର ମାଚେଦି ଅଞ୍ଚଳରେ ଗତକାଲି ସେନାଗାଡ଼ି ଉପରେ ଆତଙ୍କବାଦୀ ଆକ୍ରମଣ ପରେ ଜାମ୍ମୁ ଓ ଶ୍ରୀନଗର ୪୪ ନମ୍ବର ଜାତୀୟ ରାଜପଥରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଆକାଶବାଣୀ ଜାମ୍ମୁ ସମ୍ବାଦଦାତା କହିଛନ୍ତି ଏହି ଆକ୍ରମଣ ପରେ ସିଆଇଏସ୍ଏଫ୍, ସିଆର୍‌ପିଏଫ୍ ଏବଂ ଜାମ୍ମୁ କାଶ୍ମୀର ପୁଲିସ

କର୍ମଚାରୀଙ୍କୁ  ଉଧମପୁରଠାରେ ଏହି ଜାତୀୟ ରାଜପଥରେ ସୁରକ୍ଷା ପାଇଁ ନିୟୋଜିତ କରାଯାଇଛି । ଆଜି ସକାଳେ ଏକାଦଶତମ ପର୍ଯ୍ୟାୟରେ ଅମରନାଥ ତୀର୍ଥଯାତ୍ରୀ ଉଧମପୁର ରାଜପଥ ଦେଇ ଯାଉଥିବାରୁ ଏହି ପଦକ୍ଷେପ ନିଆଯାଇଛି । ତୀର୍ଥଯାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

## ଜେକେ-କଠୁଆ ଆଟାକ

ଜାମ୍ମୁ କାଶ୍ମୀରର କଠୁଆ ଜିଲ୍ଲା ମାଚେଦି ଅଞ୍ଚଳରେ  ଗତକାଲି ଆତଙ୍କବାଦୀ ଆକ୍ରମଣରେ ୫ଯବାନ ସହିଦ ଏବଂ ୫ ଯବାନ ଆହତ ହେବା ପରେ ସୁରକ୍ଷାବାହିନୀ ଦ୍ୱାରା ଆଜି ଏକ ବ୍ୟାପକ ମିଳିତ ତଲାସୀ ଅଭିଯାନ ଆରମ୍ଭ ହୋଇଛି ।  ଆକାଶବାଣୀ ଜାମ୍ମୁ ସମ୍ବାଦଦାତା ସୂଚନା ଦେଇଛନ୍ତି ଯେ ଗ୍ରାଉଣ୍ଡ ତଲାସୀ ଦଳକୁ ହେଲିକପ୍ଟର ଏବଂ ୟୁଏଭି ତଦାରଖ ଦ୍ୱାରା ସହଯୋଗ କରାଯାଉଛି । ବେଲ୍ଟର କିଛି ଘଞ୍ଚ ଜଙ୍ଗଲ ଅଞ୍ଚଳ ଉପରେ ଧ୍ୟାନରଖି ସନ୍ଧାନୀ କୁକୁର ଏବଂ ମେଟାଲ ଡିକ୍ଟେଟର ମଧ୍ୟ ଏହି ଅଭିଯାନରେ ନିୟୋଜିତ ହୋଇଛନ୍ତି । ସେନା, ପୁଲିସ ଏବଂ ସିଆର୍‌ପିଏଫ୍ ପକ୍ଷରୁ କଠୁଆ ଜିଲ୍ଲାର ମାଚେଦି ବଦନୋଟ୍ କିଣ୍ଡଲି ଏବଂ ଲୋହାଇ ଅଞ୍ଚଳରେ ମିଳିତ କର୍ଡନ ଏବଂ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଛି। ମୁଖ୍ୟତଃ ୩ରୁ ୪ଜଣ ବିଦେଶୀ ଆତଙ୍କବାଦୀ  ଏହି

ଆକ୍ରମଣ କରିଥିଲେ ବୋଲି ବିଶ୍ୱାସ କରାଯାଉଛି । ଗତ ଏପ୍ରିଲ ୨୮ ତାରିଖରେ ବସନ୍ତଗଡ ପାନାରା ଗ୍ରାମରେ ଆତଙ୍କବାଦୀ ଆକ୍ରମଣରେ ଜଣେ ପ୍ରତିରକ୍ଷା ଗାର୍ଡ ନିହତ ହୋଇଥିଲେ । ଏହି ଗୋଷ୍ଠୀର କିଛି ସଦସ୍ୟ କଠୁଆ ଆକ୍ରମଣରେ ସାମିଲ ଥିବା କୁହାଯାଉଛି ।

## ରାଷ୍ଟ୍ରପତି-ନାଇଜର

ବିଦ୍ୟା, ବ୍ୟକ୍ତିକୁ ଅମୃତ ପ୍ରଦାନ କରିଥାଏ । ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭୁବନେଶ୍ୱରସ୍ଥିତ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ-ନାଇଜରର ତ୍ରୟୋଦଶ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି ବିଦ୍ୟାରୂପୀ ସଂଜୀବନୀ ପାଇବା ପରେ ବ୍ୟକ୍ତିର ଜୀବନ ଧନ୍ୟ ହୁଏ ଏବଂ ସେ ସବୁକ୍ଷେତ୍ରରେ ସଫଳତା ପାଏ । ରାଷ୍ଟ୍ରପତି ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ସେମାନଙ୍କର ଶିକ୍ଷା ଏବଂ ଜ୍ଞାନକୁ ମାନବତାର ଉପକାର ପାଇଁ ବ୍ୟବହାର କରିବା ଲାଗି ପରାମର୍ଶ ଦେଇଛନ୍ତି । ସେ ଏହି ଅବସରରେ ପ୍ରସିଦ୍ଧ ଭାରତୀୟ ପଦାର୍ଥ ବିଜ୍ଞାନୀ ସାର୍ ସି.ଭି.ରମଣ ଏବଂ ଭାରତୀୟ ଜ୍ୟୋର୍ତିବିଦ୍ ତଥା ଗଣିତଜ୍ଞ ପଠାଣି ସାମନ୍ତଙ୍କ ଅନନ୍ୟ ପ୍ରତିଭା ସମ୍ପର୍କରେ କହିଥିଲେ । ରାଷ୍ଟ୍ରପତି ମୁର୍ମୁ କହିଥିଲେ, ବିଜ୍ଞାନ ଏବଂ ବୈଷୟିକ

ଜ୍ଞାନକୌଶଳକୁ ସଠିକ୍ ଢ଼ଙ୍ଗରେ ବ୍ୟବହାର କଲେ ତାହା ଦେଶର ବିକାଶକୁ ଅଧିକ ଗତି ପ୍ରଦାନ କରିବ । ତେବେ ଏହାର ଅବବ୍ୟବହାର ମାନବ ଜାତିର ଧ୍ୱଂସର କାରଣ ହୋଇପାରେ ବୋଲି ରାଷ୍ଟ୍ରପତି ସତର୍କ କରାଇ ଦେଇଛନ୍ତି । ୪ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରଥଯାତ୍ରାରେ ସାମିଲ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଆଜି ସଂଧ୍ୟାରେ ରାଷ୍ଟ୍ରପତି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ରୁଷିଆ ଭିଜିଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁତିନଙ୍କ ସହିତ ଆଜି ୨୨ତମ ଭାରତ-ରୁଷ୍ ବାର୍ଷିକ ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ । ଏହି ଅବସରରେ  ଉଭୟ ନେତା ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା କାର୍ଯ୍ୟକ୍ରମଗୁଡ଼ିକର ସମୀକ୍ଷା କରିବେ। ସେଥିମଧ୍ୟରେ ପ୍ରତିରକ୍ଷା, ବାଣିଜ୍ୟ, ପୁଞ୍ଜିନିବେଶ, ଶକ୍ତି, ଶିକ୍ଷା, ସଂସ୍କୃତି ଏବଂ ଦୁଇ ଦେଶର ଲୋକଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ସମେତ ଆପୋଷ ସ୍ୱାର୍ଥଜଡ଼ିତ ଦ୍ୱିପକ୍ଷୀୟ ପ୍ରସଙ୍ଗ ଉପରେ ସମୀକ୍ଷା କରାଯିବ। ଏହାଛଡ଼ା ଆପୋଷ ସ୍ୱାର୍ଥଜଡ଼ିତ ବିଭିନ୍ନ ଆଞ୍ଚଳିକ ତଥା ବୈଶ୍ୱିକ ପ୍ରସଙ୍ଗ ଗୁଡ଼ିକ ଉପରେ ମଧ୍ୟ ଉଭୟ ନେତା ଆଲୋଚନା କରିବେ ବୋଲି ଜଣାପଡ଼ିଛି । ସେହିଭଳି ବ୍ରିକ୍ସ, ସାଂଘାଇ ସହଯୋଗ ସଂଗଠନ, ଜି-୨୦, ପୂର୍ବ ଏସୀୟ ସମ୍ମିଳନୀ ଏବଂ ମିଳିତ ଜାତିସଂଘ ଭଳି ଆନ୍ତର୍ଜାତିକ

ସଂଗଠନ ଗୁଡ଼ିକରେ ଦ୍ୱିପକ୍ଷୀୟ ସହଭାଗିତାର ସ୍ଥିତି ଉପରେ ଶ୍ରୀ ମୋଦୀ ଓ ଶ୍ରୀ ପୁତିନ ମିଳିତ ଭାବେ ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି।

ଆମ ସମ୍ବାଦଦାତା ଜଣାଇଛନ୍ତି ବହୁବିଧ ଭୂ-ରାଜନୈତିକ ଆହ୍ୱାନ ସତ୍ତ୍ୱେ ଭାରତ ଓ ରୁଷ୍ ମଧ୍ୟରେ ୨୦୨୦ ମସିହାରୁ ଏକ ସ୍ୱତନ୍ତ୍ର ଭାଗିଦାରୀ ଜାରି ରହିଛି। ଦୁଇ ଦେଶ ମଧ୍ୟରେ ସହଭାଗିତାକୁ ଅଧିକ ସଶକ୍ତ କରିବା ଦିଗରେ ଉଭୟ ନେତା ଏହି ବାର୍ଷିକ ସମ୍ମିଳନୀରେ ନିଜ ନିଜର ମତ ଉପସ୍ଥାପନ କରିବେ। ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତ ଓ ରୁଷ୍ ମଧ୍ୟରେ ଦ୍ୱିପକ୍ଷୀୟ ବାଣିଜ୍ୟ କାରବାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି ।

ଦ୍ୱିତୀୟ ପର୍ଯ୍ୟାୟରେ ଆଜି ଶ୍ରୀ ମୋଦୀ ରୁଷ୍ ଗସ୍ତ ଶେଷକରି ଅଷ୍ଟ୍ରିଆ ଅଭିମୁଖେ ଯାତ୍ରା କରିବେ । ଏହି ଅବସରରେ ସେ ଅଷ୍ଟ୍ରିଆର ଚାନ୍ସେଲରଙ୍କ ସହିତ ଏକ ଉଚ୍ଚସ୍ତରୀୟ ପ୍ରତିନିଧିସ୍ତରୀୟ ଆଲୋଚନାରେ ଅଂଶଗ୍ରହଣ କରିବେ। ଏହି ଆଲୋଚନା ସମୟରେ ଦ୍ୱିପାକ୍ଷିତ ବାଣିଜ୍ୟିକ ସମ୍ପର୍କ ଏବଂ ପୁଞ୍ଜିବିନିଯୋଗ କରିବା ସୁଯୋଗକୁ ବ୍ୟାପକ କରିବା ଦିଗରେ ମଧ୍ୟ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି। ଅଷ୍ଟ୍ରିଆ ଚାନ୍ସେଲରଙ୍କ ନିମନ୍ତ୍ରଣକ୍ରମେ ଶ୍ରୀ ମୋଦୀ ପ୍ରଥମଥର ଲାଗି ସେ ଦେଶ ଗସ୍ତ କରିବେ।

## ପିଏମ୍-ଇଣ୍ଡିଆନ୍ କମ୍ୟୁନିଟି

କେନ୍ଦ୍ର ସରକାର ତାଙ୍କର ତୃତୀୟ କାର୍ଯ୍ୟକାଳରେ ଭାରତକୁ ବିଶ୍ୱର ତୃତୀୟ ସର୍ବବୃହତ୍ ଅର୍ଥ ବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି

ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ରୁଷ୍‌ର ମସ୍କୋଠାରେ ଭାରତୀୟ ସମୁଦାୟଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଆଜିର ଭାରତ ଯେଉଁ ଲକ୍ଷ୍ୟ ନିର୍ଦ୍ଧାରଣ କରୁଛି ତାହାକୁ ହାସଲ କରୁଛି । ସେ କହିଛନ୍ତି ତୃତୀୟଥର ପାଇଁ ତାଙ୍କ ସରକାର ଗଠନ ହେବା ପରେ ପ୍ରବାସୀ ଭାରତୀୟଙ୍କ ସହ ଏହା ତାଙ୍କର ପ୍ରଥମ ଆଲୋଚନା ।

ପ୍ରଧାନମନ୍ତ୍ରୀ କହିଛନ୍ତି ସେ ତିନିଗୁଣ ଅଧିକ ଶକ୍ତି ଓ ବେଗରେ କାମ କରିବା ପାଇଁ ସଂକଳ୍ପ ନେଇଛନ୍ତି । ଭାରତ ଆଜି ବିଶ୍ୱକୁ ଡିଜିଟାଲ କାରବାରର ସବୁଠାରୁ ବିଶ୍ୱସନୀୟ ମଡେଲ ପ୍ରଦାନ କରୁଛି ଏବଂ ସାମାଜିକ କ୍ଷେତ୍ରର ଉତ୍କୃଷ୍ଟ ନୀତି ଜରିଆରେ ନିଜର ନାଗରିକମାନଙ୍କୁ ସଶକ୍ତ କରୁଛି । ପ୍ରଧାନମନ୍ତ୍ରୀ କହିଛନ୍ତି ବିଗତ ୧୦ବର୍ଷ ମଧ୍ୟରେ ଭାରତ ଯେଉଁ ବିକାଶର ଗତି ହାସଲ କରିଛି ତାହାକୁ ଦେଖି ସମଗ୍ର ବିଶ୍ୱ ଚକିତ ହୋଇଯାଇଛି । ସମଗ୍ର ବିଶ୍ୱରୁ ଭାରତକୁ ଆସୁଥିବା ଲୋକମାନେ ଦେଶ ରୂପାନ୍ତରିତ ହୋଇଥିବା କହୁଛନ୍ତି । ଭାରତର ଏହି ପରିବର୍ତ୍ତନ କେବଳ ବ୍ୟବସ୍ଥା ଏବଂ ଭିତ୍ତିଭୂମି କ୍ଷେତ୍ରରେ ନୁହେଁ ବରଂ ଦେଶର ପ୍ରତ୍ୟେକ ନାଗରିକ ଏବଂ ଯୁବପିଢ଼ିଙ୍କ ଆତ୍ମବିଶ୍ୱାସରେ ମଧ୍ୟ ଏହି ପରିବର୍ତ୍ତନ ଦେଖିବାକୁ ମିଳୁଛି । ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱସମୃଦ୍ଧିକୁ ନୂତନ ଶକ୍ତି ପ୍ରଦାନ କରିବା ଲାଗି ଭାରତ ଏବଂ ରୁଷ୍ କାନ୍ଧରେ କାନ୍ଧ ମିଳାଇ ଆଗକୁ ବଢୁଛନ୍ତି । ଦୁଇଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ଲାଗି ରାଷ୍ଟ୍ରପତି ପୁଟିନଙ୍କ ନେତୃତ୍ୱକୁ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତ ବିକାଶର ନୂତନ ଗତି ବିଶ୍ୱ ବିକାଶରେ ଏକ ନୂତନ ଅଧ୍ୟାୟ ଲେଖିବ । ଯେତେବେଳେ ଭାରତ ଶାନ୍ତି, ବାର୍ତ୍ତାଳାପ ଏବଂ କୂଟନୀତି ବିଷୟରେ ଆଲୋଚନା କରେ ସମଗ୍ର ବିଶ୍ୱ ତାହା ଶୁଣେ । ବିଶ୍ୱ ଅର୍ଥ ବ୍ୟବସ୍ଥାର ଅଭିବୃଦ୍ଧିରେ ଭାରତର ଯୋଗଦାନ ୧୫ ପ୍ରତିଶତ ରହିଛି ଏବଂ ଆଗାମୀ ଦିନରେ ଏହା ଆହୁରି ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ରାଜେଶ ଅଗ୍ରୱାଲ-କନ୍‌କ୍ଲେଭ

ଭିନ୍ନକ୍ଷମଙ୍କ ଜୀବନଧାରଣ ମାନ ବୃଦ୍ଧି ପାଇଁ ନିଯୁକ୍ତି, ଶିକ୍ଷା ଏବଂ ସହାୟକ ପ୍ରଯୁକ୍ତି ବିଦ୍ୟା ୩ଟି ସ୍ତମ୍ଭ ବୋଲି ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି । ସୁଲଭ ଏବଂ ସହାୟକ ପ୍ରଯୁକ୍ତି ମାଧ୍ୟମରେ ଭିନ୍ନକ୍ଷମ ସଶକ୍ତିକରଣ ଉପରେ ଆୟୋଜିତ ଷଷ୍ଠ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଅଗ୍ରୱାଲ କହିଛନ୍ତି ନିଯୁକ୍ତିଦାତାମାନେ ଭିନ୍ନକ୍ଷମ ମାନଙ୍କ ଦକ୍ଷତାର ସର୍ବୋତ୍ତମ ଉପଯୋଗ କରିବା ଉଚିତ । ଗୁଣାତ୍ମକ ବିଷୟବସ୍ତୁ ବ୍ୟତୀତ ଶିକ୍ଷା କ୍ଷେତ୍ରରେ ଭିନ୍ନକ୍ଷମ ମାନଙ୍କ ପାଇଁ ସହାନୁଭୂତି ଏବଂ ବୃତ୍ତିଗତ ସହଯୋଗର ଆବଶ୍ୟକତା ରହିଛି । ଆଞ୍ଚଳିକ ଉନ୍ନୟନ କାର୍ଯ୍ୟକ୍ରମ - ସିଏସ୍‌ଆର୍ ପଦକ୍ଷେପ ସହିତ ସହାୟତାର ନୂତନ ମାଧ୍ୟମ ଖୋଜିବା ପାଇଁ ଶ୍ରୀ ଅଗ୍ରୱାଲ ଘରୋଇ କମ୍ପାନୀଗୁଡ଼ିକୁ ଆହ୍ୱାନ

ଦେଇଛନ୍ତି । ପ୍ରଯୁକ୍ତି ବିଦ୍ୟା ଉପରେ ବକ୍ତବ୍ୟ ରଖି ଶ୍ରୀ ଅଗ୍ରୱାଲ କହିଛନ୍ତି ଏହା କେବଳ ଶୂନ୍ୟସ୍ଥାନ ପୂରଣ କରିବ ନାହିଁ; ବରଂ ନବସୃଜନ ଏବଂ ଉଦ୍ୟମିତା ପାଇଁ ମଧ୍ୟ ସୁଯୋଗ ସୃଷ୍ଟି କରିପାରିବ ।

# ପଞ୍ଜାବ-ଇଲେକ୍ସନ

ପଞ୍ଜାବରେ ଜଳନ୍ଧର ପଶ୍ଚିମ ସଂରକ୍ଷିତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତାକାଲି ଉପନିର୍ବାଚନ ହେବ । ସକାଳ ୭ଟାରୁ ସଂଧ୍ୟା ୬ଟା ଯାଏଁ ମତଦାନ ଚାଲିବ । ଏହି ନିର୍ବାଚନରେ ମୋଟ୍ ୧୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଶାସକ ଆମ୍ ଆଦ୍‌ମୀ ପାର୍ଟି ପ୍ରାର୍ଥୀ ମହିନ୍ଦର ଭଗତ, ବିଜେପିର ଶୀତଲ ଆଙ୍ଗୁରାଲ ଏବଂ କଂଗ୍ରେସର ସୁରିନ୍ଦର କୌରଙ୍କ ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଥିବା କୁହାଯାଉଛି । ନିର୍ବାଚନ ମଣ୍ଡଳୀର ମୋଟ୍ ୧ଲକ୍ଷ ୭୨ହଜାର ୨୦ଜଣ ଭୋଟରଙ୍କ ପାଇଁ ୧୮୧ଟି ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି । ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ଅତିରିକ୍ତ ସୁରକ୍ଷା ବାହିନୀ ନିୟୋଜିତ କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।